## ସଂକ୍ଷେପରେ

### ବଦଳିଲେ ଅନୁଗୋଳ ସିଡିଏମ୍‌ଓ



ଅନୁଗୋଳ ଅଫିସ୍, ୨୯।୨: ଅନୁଗୋଳ ଜିଲା ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀ ଅମରେନ୍ଦ୍ରନାଥ ମହାନ୍ତିଙ୍କ ବଦଳି ହୋଇଛି। ତାଙ୍କର ପଦୋନ୍ନତି କରାଯାଇ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ପ୍ରତିଷ୍ଠାନର ନିର୍ଦ୍ଦେଶକ ଦାୟିତ୍ୱ ପ୍ରଦାନ କରାଯାଇଛି। ସୂଚନାଯୋଗ୍ୟ, ଅନୁଗୋଳ ସିଡିଏମ୍‌ଓ ଭାବେ ୨୦୧୮ ଅକ୍ଟୋବର ୧୩ରେ ସେ ଯୋଗ ଦେଇଥିଲେ। ଫନୀ ବାତ୍ୟା ସମୟରେ ତାଙ୍କୁ ପୁରୀ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଭାବେ ବଦଳି କରାଯାଇଥିଲା। ଏହାପରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ସିଡିଏମ୍‌ଓ ପଦବୀ ଖାଲି ପଡ଼ିଥିଲା। ପରେ ରାଜ୍ୟ ସରକାର ପୁଣି ୨୦୧୯ ସେପ୍ଟେମ୍ବରରେ ଅନୁଗୋଳ ସିଡିଏମ୍‌ଓ ଦାୟିତ୍ୱ ଦେଇଥିଲେ। ୨୦୨୦ ଫେବୃୟାରୀରେ ତାଙ୍କର ପଦୋନ୍ନତି ସହ ବଦଳି ହୋଇଛି। ବର୍ତ୍ତମାନ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟ ପାଇଁ କାହାକୁ ମୁଖ୍ୟ ଚିକିତ୍ସାଧିକାରୀ ଦାୟିତ୍ୱ ଦିଆଯାଇ ନ ଥିବା ସୂଚନା ମିଳିଛି।

### ୯୦ ହଜାର ଜରିମାନା ଆଦାୟ

ଆଠମଲ୍ଲିକ,୨୯।୨(ଡି.ଏନ.ଏ.): ଆଠମଲ୍ଲିକ ତହସିଲ ପକ୍ଷରୁ ଶନିବାର ପୁରୁଣାମାଣତ୍ରୀଠାରେ ଚଢ଼ାଉ କରାଯାଇ ବେଆଇନ୍ ଚିପ୍ସ ଓ ବାଲି ବୋଝେଇ ଟ୍ରକ୍, ଟ୍ରାକ୍ଟରଠାରୁ ୯୦ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ଟ୍ରକ୍ (ନଂ.ଓଡି୧୫-ଜେ-୩୪୩୨)ରେ ଚିପ୍ସ ଆସୁଥିବାବେଳେ ଏହାର ଚାଲାଣ ନ ଥିବା ଜଣାପଡିଛି। ସେହିପରି ଟ୍ରାକ୍ଟର (ନଂ. ଓଆର୧୯-ଜି-୬୯୪୯ ଓ ଓଡି୧୯-ଏନ-୯୬୭୪)ରେ ବାଲି ଆସୁଥିବାବେଳେ ସେମାନଙ୍କ ନିକଟରେ ମଧ ଚାଲାଣ ନ ଥିଲା। ଖବରପାଇ ଆଠମଲ୍ଲିକ ତହସିଲଦାର ଡ. ସ୍ୱରୂପାନନ୍ଦ ସାହୁ, ଅତିରିକ୍ତ ତହସିଲଦାର ଅଶୋକ ଦେହୁରୀ ଚଢ଼ାଉ କରିଥିଲେ।

# କାୟାକଳ୍ପରେ ଅନୁଗୋଳ ପ୍ରଥମ

ଅନୁଗୋଳ ଅଫିସ୍, ୨୯।୨

କାୟାକଳ୍ପ ପୁରସ୍କାର ପାଇଁ ବାଜି ମାରିଛି ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟ। ଓଡ଼ିଶାରେ ଥିବା ସମସ୍ତ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଛରେ ପକାଇ କାୟାକଳ୍ପରେ ଏହା ପ୍ରଥମ ସ୍ଥାନ ଅଧିକାର କରିଛି। ପୁରସ୍କାର ବାବଦରେ ଏହି ଚିକିତ୍ସାଳୟକୁ ୫୦ ଲକ୍ଷ ଟଙ୍କା ପ୍ରଦାନ କରାଯିବ। ସେହିପରି ଅନୁଗୋଳ ଜିଲାର ପୁରୁଣାଗଡ଼ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ମଧ ଦ୍ୱିତୀୟଥର ପାଇଁ ପ୍ରଥମ ସ୍ଥାନ ଅଧିକାର କରିଛି। ଏହି ସ୍ୱାସ୍ଥ୍ୟକେନ୍ଦ୍ରକୁ ସରକାରଙ୍କ ପକ୍ଷରୁ ୨ ଲକ୍ଷ ଟଙ୍କା ପ୍ରଦାନ କରାଯିବ। ଏନେଇ ଓଡ଼ିଶାର ଏନ୍‌ଏଚ୍‌ଏମ୍ ମିଶନ ନିର୍ଦ୍ଦେଶକଙ୍କ ପକ୍ଷରୁ ଚିଠି ସଂଖ୍ୟା ଓଏସ୍‌ଏଚ ଆଣ୍ଡ ଏଫଡବ୍ଲ୍ୟୁଏସ୍ /୨୪୬୩/୨୯.୨.୨୦୨୦ରେ ସୂଚନା ଦିଆଯାଇଛି। ରାଜ୍ୟ ସରକାରଙ୍କ ପକ୍ଷରୁ ଏକ ଉତ୍ସବର ଆୟୋଜନ କରାଯାଇ ଡାକ୍ତରଖାନାକୁ ସମ୍ବର୍ଦ୍ଧିତ କରାଯିବ ବୋଲି ସୂଚନା ମିଳିଛି। ରାଜ୍ୟ ସରକାରଙ୍କ ପକ୍ଷରୁ ମିଳିବାକୁ ଥିବା ଅର୍ଥ ଚିକିତ୍ସାଳୟର ଉନ୍ନତି ପାଇଁ ଖର୍ଚ୍ଚ କରାଯିବ ବୋଲି ମେଡିକାଲ ପକ୍ଷରୁ ସୂଚନା ମିଳିଛି।

## ଦ୍ୱିତୀୟ ଥର ପାଇଁ ପୁରୁଣାଗଡ଼ ସ୍ୱାସ୍ଥ୍ୟକେନ୍ଦ୍ର ପ୍ରଥମ




ଚିକିତ୍ସାଳୟର ସ୍ୱଚ୍ଛତା ଓ ପରିଷ୍କାର ପରିଚ୍ଛନ୍ନତା ପାଇଁ ପ୍ରତିବର୍ଷ ଜିଲା, ସବଡିଭିଜନ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ କାୟାକଳ୍ପ ପୁରସ୍କାର ପ୍ରଦାନ କରାଯାଉଛି। ପ୍ରଥମ ଥର ପାଇଁ ୨୦୧୮-୧୯ ବର୍ଷରେ ଡାକ୍ତରଖାନା ପରିସର ବାହାରେ ବିଭିନ୍ନ ବର୍ଗକୁ ଏଥିରେ ସାମିଲ କରାଯାଇଥିଲା। ଓଡ଼ିଶାର ୨୪ଟି ଜିଲା ମୁଖ୍ୟ ଚିକିତ୍ସାଳୟ, ୧୩୩ଟି ଉପଖଣ୍ଡ ଚିକିତ୍ସାଳୟ ଓ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ୨୧୮ ଟି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଓ ୭୬ଟି ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଏହି ପୁରସ୍କାର ପାଇବା ପାଇଁ ରାଜ୍ୟସ୍ତରରେ ମନୋନୀତ ହୋଇଥିଲେ। ଏଥିପାଇଁ ସ୍ୱାସ୍ଥ୍ୟ କେନ୍ଦ୍ରଗୁଡିକର ଇଣ୍ଟରନାଲ ଆସେସମେଣ୍ଟ ହୋଇଥିଲା। ପରେ ଏକ୍ସଟରନାଲ ଆସେସମେଣ୍ଟ ହେବା ପରେ ପୁରସ୍କାର ପାଇଁ ମନୋନୀତ ହୋଇଥିବା ଚିକିତ୍ସାଳୟ ଗୁଡ଼ିକ ମଧ୍ୟରୁ ପ୍ରଥମ ଓ ଦ୍ୱିତୀୟ ସ୍ଥାନ ବଛାଯାଇଥିଲା। ଗତବର୍ଷ ସେପ୍ଟେମ୍ବର ୨୦ ଓ ନଭେମ୍ବର ୨୧ରେ କାୟାକଳ୍ପର ୩ ଜଣିଆ ବିଚାରକ ମଣ୍ଡଳୀ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟ ସମେତ ଅନ୍ୟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରଗୁଡ଼ିକ ପରିଦର୍ଶନ କରିଥିଲେ। ଏହି ଉପଲକ୍ଷେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଔଷଧୀୟ ବୃକ୍ଷଠାରୁ ଆରମ୍ଭ କରି ନୂତନ ପାର୍କିଂ ବ୍ୟବସ୍ଥା ପର୍ଯ୍ୟନ୍ତ କରାଯାଇଥିଲା। ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟ ପରେ ଦ୍ୱିତୀୟ ସ୍ଥାନରେ କଳାହାଣ୍ଡି ମୁଖ୍ୟ ଚିକିତ୍ସାଳୟ ରହିଛି। ସେହିପରି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇ ହୋଇଥିବା ଆସେସମେଣ୍ଟରେ ଅନୁଗୋଳ ବ୍ଲକ ପୁରୁଣାଗଡ଼କୁ ପ୍ରଥମ ପୁରସ୍କାର ମିଳିଛି। ଗତ ବର୍ଷ ମଧ ପୁରୁଣାଗଡ଼ ନୂତନ ସ୍ୱାସ୍ଥ୍ୟକେନ୍ଦ୍ର ଏହି ପୁରସ୍କାର ପାଇଥିଲା।

# ପଞ୍ଚଶ୍ରୀକ୍ଷେତ୍ର ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଉତ୍ସବ



ବଅଁରପାଳ, ୨୯।୨ (ଡି.ଏନ୍.ଏ)

ବଅଁରପାଳ ସ୍ଥିତ ପଞ୍ଚଶ୍ରୀକ୍ଷେତ୍ର ଜଗନ୍ନାଥ ମନ୍ଦିରର ୧୫ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ପ୍ରତ୍ୟୁଷରୁ ମନ୍ଦିରର ପୂଜକ ରାଜାରାମ ମିଶ୍ର, ଅଶୋକ ଦାସ, ଅଚ୍ୟୁତାନନ୍ଦ ଦାସ ଓ ପଣ୍ଡିତ ନରେଶ ଚନ୍ଦ୍ର ନାଥ ପ୍ରମୁଖ ମନ୍ଦିର ଓ ବେଢ଼ା ଶୋଧନ, ତିନି ଠାକୁରଙ୍କ ବେଶଭୂଷା, ସୂର୍ଯ୍ୟପୂଜା ଓ ରୀତିନୀତି ଅନୁଯାୟୀ ଷୋଡ଼ଶ ଉପଚାରରେ ପୂଜାପାଠ କରିଥିଲେ। ପରେ ଶାନ୍ତି ହୋମଯଜ୍ଞ ଅନୁଷ୍ଠିତ ହୋଇଥିଲା। ସତ୍ୟବାନ ବରାହ ଓ ପତ୍ନୀ କୁମୁଦିନୀ ବରାହ କର୍ତ୍ତାମାନେ ଯଜ୍ଞ କର୍ମ ସମ୍ପାଦନ କରିଥିଲେ। ସଂକୀର୍ତ୍ତନ ମଣ୍ଡଳୀ ନାମ ସଂକୀର୍ତ୍ତନ କରିଥିଲେ। ଜିଲା ଯୋଜନା କମିଟି ଉପାଧକ୍ଷା ମଞ୍ଜୁଲତା ସାହୁ, ବାଉରୀବନ୍ଧୁ ସାହୁ, ନିର୍ମଳ ସାହୁଙ୍କ ସମେତ ପାଞ୍ଚଗଡ଼ରୁ ନିମନ୍ତ୍ରିତ ମାନ୍ୟଗଣ୍ୟ ବ୍ୟକ୍ତି ଓ ସ୍ଥାନୀୟ ଶ୍ରଦ୍ଧାଳୁ ଯୋଗଦେଇଥିଲେ। ମନ୍ଦିର ପରିଚାଳନା କମିଟିର ମୁଖ୍ୟ ଉପଦେଷ୍ଟା ନରେଶ ଚନ୍ଦ୍ର ସାହୁ, ପ୍ରମୋଦ କୁମାର ବେହେରା, ଉପସଭାପତି ପୀତାମ୍ବର ସାହୁ, ସମ୍ପାଦକ ଅଲେଖ ଚନ୍ଦ୍ର ଦାସ, ନିର୍ମଳ କୁମାର ଗଡ଼ନାୟକ, ଛବିମୋହନ ସାହୁ, ହରମୋହନ ପଣ୍ଡା, ପ୍ରଦୀପ କୁମାର ମାଝୀ ଓ ଭି. ଭାସ୍କର ରାଓଙ୍କ ସମେତ ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

# କର୍ମଚାରୀ ଅଭାବରୁ କାର୍ଯ୍ୟ ପ୍ରଭାବିତ

ଆଠମଲ୍ଲିକ,୨୯।୨(ଡି.ଏନ.ଏ.)

- ଆଠମଲ୍ଲିକ ବ୍ଲକ
- ନାହାନ୍ତି ୧୦ ପଞ୍ଚାୟତ ନିର୍ବାହୀ ଅଧିକାରୀ
- ଏବିଡିଓ, ଆକାଉଣ୍ଟ ଅଫିସର ପଦବୀ ଖାଲି

ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକରେ ଆଗେଇ ପାରୁନି ଉନ୍ନୟନମୂଳକ କାର୍ଯ୍ୟ। ଦୀର୍ଘ ବର୍ଷ ଧରି ବ୍ଲକ କାର୍ଯ୍ୟାଳୟରେ କର୍ମଚାରୀ ଅଭାବ ବିକାଶରେ ବାଧକ ସାଜିଥିବାବେଳେ ପ୍ରଶାସନ ପକ୍ଷରୁ ଏ ଦିଗରେ ଦୃଷ୍ଟି ଦିଆଯାଉ ନାହିଁ। ଫଳରେ ବହୁ ବିକାଶମୂଳକ ଯୋଜନା କାର୍ଯ୍ୟକାରୀ ହୋଇପାରୁ ନ ଥିବାରୁ ବ୍ଲକବାସୀ ବିଭିନ୍ନ ସେବା ପାଇବାରୁ ବଞ୍ଚିତ ହେଉଛନ୍ତି। ଏହାକୁ ନେଇ ସାଧାରଣରେ ତୀବ୍ର ଅସନ୍ତୋଷ ସୃଷ୍ଟି ହୋଇଛି।

ଅଭିଯୋଗ ମୁତାବକ, ଆଠମଲ୍ଲିକ ବ୍ଲକ କାର୍ଯ୍ୟାଳୟରେ ଏବିଡିଓ, ସହକାରୀ ନିର୍ବାହୀ ଅଧିକାରୀ, ଏଫଇଓ, ଆଇପିଓ, ୧୦ ଜଣ ପଞ୍ଚାୟତ ନିର୍ବାହୀ ଅଧିକାରୀ ଖାଲି ପଡିଛି। ସେହିପରି ୯ ଜଣ ଜିଆରଏସ୍ ପଦବୀ, ଆକାଉଣ୍ଟ ଅଫିସର, କନିଷ୍ଠ କିରାଣି, ୩ଟି ପିଅନ, ୧ଟି ରାତ୍ର ଜଗୁଆଳୀ ପଦବୀରେ କେହି କର୍ମଚାରୀ ନାହାନ୍ତି। ଆସନ୍ତା ମାର୍ଚ୍ଚରେ ଜିପିଇଓ ଅବସର ନେବେ ବୋଲି ଜଣାପଡିଛି। ସେହିପରି ଆସିଷ୍ଟାଣ୍ଟ ଫିଶରୀ ଅଫିସର ୩ଟି ଭିନ୍ନ ଭିନ୍ନ ଅଞ୍ଚଳର ଦାୟିତ୍ୱରେ ରହିଥିବା ଜଣାପଡିଛି। ବିଭିନ୍ନ ପଦବୀ ଖାଲି ପଡ଼ିଥିବା ଯୋଗୁ ବ୍ଲକର ଉନ୍ନୟନ କାର୍ଯ୍ୟ ପ୍ରଭାବିତ ହେଉଛି। ଏ ନେଇ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ କୌଣସି ସୁଫଳ ମିଳୁ ନ ଥିବା ଅଭିଯୋଗ ହୋଇଛି। ତୁରନ୍ତ ଖାଲି ପଡ଼ିଥିବା ପଦବୀ ଗୁଡ଼ିକୁ ପୂରଣ କରିବା ପାଇଁ ସାଧାରଣରେ ଦାବି ହୋଇଛି। ଏ ନେଇ ବିଡିଓ ସଞ୍ଜୟ ଆଚାର୍ଯ୍ୟ କହିଛନ୍ତି, ଖାଲି ପଡିଥିବା ପଦବୀ ନିମନ୍ତେ ପ୍ରତି ୩ ମାସରେ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଜଣାଯାଉଛି।

# ଟ୍ରକ ଧକ୍କାରେ ଯୁବକ ଗୁରୁତର

ଛେଣ୍ଡିପଦା,୨୯।୨(ସ୍ୱ.ପ୍ର):

ଛେଣ୍ଡିପଦା ଥାନା କୋଶଳା ଗ୍ରାମ ଚନ୍ଦନ ନଗରଠାରେ ଶନିବାର ଏକ ଟ୍ରକ ଧକ୍କାରେ ବ୍ରାହ୍ମଣବିଲ ଗ୍ରାମର ଜୟକୃଷ୍ଣ ସାହୁ(୪୫) ଗୁରୁତର ହୋଇଛନ୍ତି। ଛେଣ୍ଡିପଦା-ଅନୁଗୋଳ ୬୩ ନଂ. ରାଜ୍ୟ ରାଜପଥରେ ଏକ ଆଇରନ ବୋଝେଇ ଟ୍ରକ ଅନୁଗୋଳ ଅଭିମୁଖେ ଯାଉଥିବାବେଳେ ଜୟକୃଷ୍ଣ ଟ୍ରକ ପଛ ପାର୍ଶ୍ୱରେ ବାଡ଼େଇ ହୋଇଥିଲେ। ତାଙ୍କୁ ପ୍ରଥମେ କୋଶଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଅନୁଗୋଳ ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ପୋଲିସ ଦୁର୍ଘଟଣା ଘଟାଇଥିବା ଟ୍ରକକୁ ଜବତ କରି ନଂ. ୬୭/୨୦ରେ ମାମଲା ରୁଜୁ କରିଛି।

# ୭ ଘଣ୍ଟା ବିଦ୍ୟୁତ୍ କାଟ

ଆଠମଲ୍ଲିକ,୨୯।୨(ଡି.ଏନ.ଏ.)

ଆଠମଲ୍ଲିକରେ ଶନିବାର ଅଘୋଷିତ ଭାବେ ଦୀର୍ଘ ୭ ଘଣ୍ଟା ଧରି ବିଦ୍ୟୁତକାଟ କରାଯାଇଥିଲା। ଏଥିଯୋଗୁ ଉପଭୋକ୍ତାଙ୍କ ମଧରେ ତୀବ୍ର ଅସନ୍ତୋଷ ଦେଖାଦେଇଥିଲା। ସକାଳ ୧୧ ଟାରୁ ବିଦ୍ୟୁତ୍ କାଟ ହୋଇ ଅପରାହ୍ନ ସାଢେ ୫ଟା ବେଳକୁ ବିଦ୍ୟୁତ୍ ସରବରାହ ସ୍ୱାଭାବିକ ହୋଇଥିଲା।




# ମିଳୁନି ଏମ୍‌ଜିଏନ୍‌ଆର୍‌ଇଜିଏସ୍ ମଜୁରି

ଆଠମଲ୍ଲିକ,୨୯।୨(ଡି.ଏନ.ଏ.)



ଆଠମଲ୍ଲିକ ବ୍ଲକ ଅଏଡା ପଞ୍ଚାୟତର ଏମ୍‌ଜିଏନଆରଇଜିଏସ୍ ଜବକାର୍ଡଧାରୀଙ୍କୁ ସେମାନଙ୍କ ମଜୁରି ମିଳି ନ ଥିବା ଅଭିଯୋଗ ହୋଇଛି। ଏ ନେଇ ଓଳଥ ଗ୍ରାମର ରମଣି ବାରିକ, ମିଥିଳା ବେହେରା, ପ୍ରମିଳା ନାୟକ, କଳାମାଟି ଗ୍ରାମର ସୁଲୋଚନା ରାଉତ, ଭୁବନିପୁର ଗ୍ରାମର କଇଁତା ବେହେରା ଅନୁଗୋଳ ଜିଲାପାଳଙ୍କଠାରେ ଅଭିଯୋଗ କରିଛନ୍ତି। ସେମାନେ ପ୍ରାୟ ୭୦ ହଜାର ଟଙ୍କାର ଶ୍ରମ କରିଥିଲେ ମଧ ପାରିଶ୍ରମିକ ମିଳି ନ ଥିବା ଅଭିଯୋଗରେ ଦର୍ଶାଇଛନ୍ତି। ଗୃହ ନିର୍ମାଣ ଶେଷ ହୋଇଥିବା ଫଟୋ, ଲେବର କାର୍ଡ ପାସ୍‌ବୁକ୍‌କୁ ବର୍ଷେ ହେବ ପଇଠ କରିଥିଲେ ମଧ ପ୍ରାପ୍ୟ ମିଳି ନ ଥିବାରୁ ସେମାନଙ୍କ ମଧରେ ଅସନ୍ତୋଷ ଦେଖାଦେଇଛି। ତୁରନ୍ତ ପ୍ରାପ୍ୟ ପ୍ରଦାନ କରିବାକୁ ସେମାନେ ଦାବି କରିଛନ୍ତି। ବିଡିଓ ସଞ୍ଜୟ କୁମାର ଆଚାର୍ଯ୍ୟ କହିଛନ୍ତି, ଘଟଣାର ଅନୁଧାନ କରାଯାଇ ପଦକ୍ଷେପ ନିଆଯିବ।

## OFFICE OF THE MUNICIPAL COUNCIL, UMERKOTE

Letter No.1064/MUN-UKT-2020 Date: 29.02.2020

**QUOTATION CALL NOTICE**

Sealed quotations are invited from the registered firms/ authorized dealers/ Distributors and manufacturers duly approved by Govt. of India for supply of sanitary article such as Bleaching, Phenol etc. for one year (i.e. from opening of the tender) in prescribed proforma which can be obtained on the sanitary section of Umerkote Municipality during office hours on deposit of Bank Drafts/ Bankers Cheque of Rs.6000/-+ GST 12% drawn in favour of Executive Officer Umerkote Municipality (Non-Refundable) from date 02.03.2020 to date 06.03.2020 up to 5.00 P.M. The Quotations should reach on or before date 13.03.2020 by 5.00 P.M. through Speed Post/ Regd. Post only. The quotation should subscribe on cover that "Quotation for Supply of Sanitary article". The Quotations should be accompanied with EMD of Rs.10,000/- (Ten Thousand) only in the shape of Bank Draft drawn in favour of Executive Officer Umerkote Municipality and copy of GST clearance, PAN Card, Dealership Certificate, DIC registration Certificate. The quotations will be opened by the undersigned on dated 16.03.2020 at 11.00 A.M. in presence of quotationers or their authorized representatives. The other terms and conditions of the quotation will be available in the prescribed proforma. The authority reserves the right to reject any or all quotations without assigning any reason thereof.

**Sd./- Executive Officer, Umerkote Municipality**

## ପୂର୍ବ ତଟ ରେଳପଥ
## ଇଂଜିନିୟରିଂ କାର୍ଯ୍ୟ

ଫାଇଲ ନଂ. DRM/Engg/KUR/19-20/E-Tender/53, ତା: 25.02.2020

**1) ଟେଣ୍ଡର ବିଜ୍ଞପ୍ତି ନଂ. e-Tender-NORTH KUR-357-2019, ତା: 17.02.2020**
ବିବରଣୀ : ଖୋର୍ଦ୍ଧା ରୋଡ୍ ମଣ୍ଡଳର କପାଳି ରୋଡ୍ (ପିଏଚ), ଦୁଲାଖାପାଟଣା (ପିଏଚ), ବ୍ରାହ୍ମଣୀ (ପିଏଚ) ଏବଂ ସୁକିନ୍ଦା ରୋଡ୍ ଷ୍ଟେସନଠାରେ ପ୍ରଥମ ଫୁଟ୍ ଓଭର ବ୍ରିଜ୍‌ର ବ୍ୟବସ୍ଥା ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) : ₹ 815.58 ଲକ୍ଷ, EMD (ଟଙ୍କାରେ) : ₹ 5,57,800/-, ଟେଣ୍ଡର ନଥିପତ୍ରର ମୂଲ୍ୟ(ଟଙ୍କାରେ) : ₹ 11,800/-, କାର୍ଯ୍ୟ ଶେଷ ହେବା ଅବଧି : 12 (ବାର) ମାସ ।

**2) ଟେଣ୍ଡର ବିଜ୍ଞପ୍ତି ନଂ. e-Tender-HQ-KUR-358-2019, ତା: 17.02.2020**
ବିବରଣୀ : ଖୋର୍ଦ୍ଧା ରୋଡ୍ ମଣ୍ଡଳ ମୁଖ୍ୟାଳୟରେ ଅଧିକାରୀ ବିଶ୍ରାମ ଗୃହ-ସହ-ସମ୍ମିଳନୀ ହଲର ନିର୍ମାଣ ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) : ₹ 289.24 ଲକ୍ଷ, EMD (ଟଙ୍କାରେ) : ₹ 2,94,600/-, ଟେଣ୍ଡର ନଥିପତ୍ରର ମୂଲ୍ୟ(ଟଙ୍କାରେ) : ₹ 11,800/-, କାର୍ଯ୍ୟ ଶେଷ ହେବା ଅବଧି : 08 (ଆଠ) ମାସ ।

**3) ଟେଣ୍ଡର ବିଜ୍ଞପ୍ତି ନଂ. e-Tender-NORTH-KUR-359-2019, ତା: 17.02.2020**
ବିବରଣୀ : ଖୋର୍ଦ୍ଧା ରୋଡ୍ ମଣ୍ଡଳର ନୟାଗଡ଼ ଷ୍ଟେସନଠାରେ କ୍ରସ୍ ଡ୍ରେନ୍‌ଗୁଡ଼ିକର ବ୍ୟବସ୍ଥା ସହିତ R/4 - R/5 ଏବଂ R/5 - R/6 ମଧ୍ୟରେ ସେଣ୍ଟ୍ରାଲ ଡ୍ରେନ୍‌ର ବ୍ୟବସ୍ଥା ଦ୍ୱାରା ୟାର୍ଡ଼ ଜଳ ନିଷ୍କାଶନ ପ୍ରସ୍ତାବିତ ଉନ୍ନୟନ ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) : ₹ 236.28 ଲକ୍ଷ, EMD (ଟଙ୍କାରେ) : ₹ 2,68,100/-, ଟେଣ୍ଡର ନଥିପତ୍ରର ମୂଲ୍ୟ(ଟଙ୍କାରେ) : ₹ 11,800/-, କାର୍ଯ୍ୟ ଶେଷ ହେବା ଅବଧି : 10 (ଦଶ) ମାସ ।

**4) ଟେଣ୍ଡର ବିଜ୍ଞପ୍ତି ନଂ. e-Tender-NORTH KUR-360-2019, ତା: 17.02.2020**
ବିବରଣୀ : ଖୋର୍ଦ୍ଧା ରୋଡ୍ ମଣ୍ଡଳର ବାଉଦପୁର ଏବଂ କେନ୍ଦୁଆପଦା ତଥା ଯାଜପୁର କେନ୍ଦୁଝର ରୋଡ୍ ଏବଂ ଜଖପୁରା ଷ୍ଟେସନଗୁଡ଼ିକ ମଧ୍ୟରେ ଡାଉନ୍ ଲାଇନ୍ ସାଇଡ୍‌ରେ ଟୋ ୱାଲ (Toe Wall) ବ୍ୟବସ୍ଥା ଦ୍ୱାରା ଦୁର୍ବଳ ଫର୍ମେସନ ପ୍ୟାଚ୍‌ଗୁଡ଼ିକରେ ଆଡ଼ିବନ୍ଧ (Embankment)ର ପ୍ରସ୍ତାବିତ ସୁରକ୍ଷା ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) : ₹ 215.19 ଲକ୍ଷ, EMD (ଟଙ୍କାରେ) : ₹ 2,57,600/-, ଟେଣ୍ଡର ନଥିପତ୍ରର ମୂଲ୍ୟ(ଟଙ୍କାରେ) : ₹ 11,800/-, କାର୍ଯ୍ୟ ଶେଷ ହେବା ଅବଧି : 10 (ଦଶ) ମାସ ।

**5) ଟେଣ୍ଡର ବିଜ୍ଞପ୍ତି ନଂ. e-Tender-SouthKUR-361-2020, ତା: 15.02.2020**
ବିବରଣୀ : ଖୋର୍ଦ୍ଧା ରୋଡ୍ ମଣ୍ଡଳର ଇଛାପୁରମ୍-ପଲାସା ସେକ୍ସନ ମଧ୍ୟରେ ବିଭିନ୍ନ ପ୍ୟାଚ୍‌ଗୁଡ଼ିକରେ 5400 ସଂଖ୍ୟକ କ୍ଷତିଗ୍ରସ୍ତ(Cracked) PSC ସ୍ଲିପରଗୁଡ଼ିକର କାଜୁଆଲ ସ୍ଲିପର ନବୀକରଣ ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) : ₹49.76 ଲକ୍ଷ, EMD (ଟଙ୍କାରେ) : ₹99,500/-, ଟେଣ୍ଡର ନଥିପତ୍ରର ମୂଲ୍ୟ(ଟଙ୍କାରେ) : ₹ 3,540/-, କାର୍ଯ୍ୟ ଶେଷ ହେବା ଅବଧି : 08 (ଆଠ) ମାସ ।

**6) ଟେଣ୍ଡର ବିଜ୍ଞପ୍ତି ନଂ. e-Tender-CENT-KUR-362-2020, ତା: 15.02.2020**
ବିବରଣୀ : ଖୋର୍ଦ୍ଧା ରୋଡ୍ ମଣ୍ଡଳର ସହାୟକ ମଣ୍ଡଳ ଯନ୍ତ୍ରୀ, ଭୁବନେଶ୍ୱର ପରିସୀମା ଅଧୀନସ୍ଥ ରେତଙ୍ଗ ଠାରେ ପୂର୍ବବର୍ତ୍ତୀ ଏବଂ ପରବର୍ତ୍ତୀ ପରିଚାଳନା ଏବଂ BCM ପ୍ରକ୍ରିୟା ସହିତ ଅନ୍ୟ ବିବିଧ କାର୍ଯ୍ୟ, ଥ୍ରୁ ରେଲ୍ ନବୀକରଣ କାର୍ଯ୍ୟ ତଥା PSR ର ଅପସାରଣ ସମ୍ବନ୍ଧୀୟ ଅନ୍ୟ P.Way ସମ୍ପର୍କିତ କାର୍ଯ୍ୟଗୁଡ଼ିକର ସମ୍ପାଦନ ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) : ₹ 154.95 ଲକ୍ଷ, EMD (ଟଙ୍କାରେ) : ₹ 2,27,500/-, ଟେଣ୍ଡର ନଥିପତ୍ରର ମୂଲ୍ୟ(ଟଙ୍କାରେ) : ₹ 5,900/-, କାର୍ଯ୍ୟ ଶେଷ ହେବା ଅବଧି : 12 (ବାର) ମାସ ।

**7) ଟେଣ୍ଡର ବିଜ୍ଞପ୍ତି ନଂ. e-Tender-CENT-KUR-363-2019, ତା: 18.02.2020**
ବିବରଣୀ : ଖୋର୍ଦ୍ଧା ରୋଡ୍ ମଣ୍ଡଳର ସହାୟକ ଯନ୍ତ୍ରୀ, ଢେଙ୍କାନାଳ ପରିସୀମା ଅଧୀନସ୍ଥ କି.ମି.163/0 ଠାରୁ କି.ମି.166/0 ମଧ୍ୟରେ ବ୍ୟାଙ୍କ ସ୍ଲୋପଗୁଡ଼ିକର ପ୍ରସ୍ତାବିତ ମରାମତି, ସେସ୍ (Cess), ଟ୍ରୋଲି ରେଫ୍ୟୁଜି (Trolley Refuges) ଏବଂ ଟୋ ୱାଲ (Toe Wall) ମରାମତି ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) : ₹82.55 ଲକ୍ଷ, EMD (ଟଙ୍କାରେ) : ₹1,65,100/-, ଟେଣ୍ଡର ନଥିପତ୍ରର ମୂଲ୍ୟ(ଟଙ୍କାରେ) : ₹ 5,900/-, କାର୍ଯ୍ୟ ଶେଷ ହେବା ଅବଧି : 08 (ଆଠ) ମାସ ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ (ସମସ୍ତ ଟେଣ୍ଡର ନିମନ୍ତେ) : ତା.11.03.2020 ରିଖ 1500 ଘଣ୍ଟିକାରେ ।

ଏହି ଇ-ଟେଣ୍ଡର କ୍ଷେତ୍ରରେ ଡାକାକୋରିଅର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ Firm ର ଲେଟରହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫର ଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧରୂପେ ନାକଚ କରାଯିବ ।
ଦ୍ରଷ୍ଟବ୍ୟ : ଏହି ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନାଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10 ଦିନ ପୂର୍ବରୁ ୱେବସାଇଟ୍ କୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।
ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ ୱେବସାଇଟ୍ http://www.ireps.gov.in ରେ ଉପଲବ୍ଧ ହେବ ।

ମଣ୍ଡଳ ରେଳ ପ୍ରବନ୍ଧକ (ଇଂଜିନିୟରିଂ), ଖୋର୍ଦ୍ଧା ରୋଡ୍
PR-747/K/19-20

# ପରୀକ୍ଷା ସୁପରିଚାଳନା ପାଇଁ ବୈଠକ

ବଇଣ୍ଡା,୨୯।୨ (ଡି.ଏନ.ଏ.)

ଅନୁଗୋଳ ଜିଲା କିଶୋରନଗର ବ୍ଲକ ବଇଣ୍ଡା ଜନତା କଲେଜ ପରିସରରେ ଶନିବାର ଯୁକ୍ତ ୨ ପରୀକ୍ଷା ସୁପରିଚାଳନା ପାଇଁ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧକ୍ଷ ସିଦ୍ଧାର୍ଥ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଅଧାପକ ଅସିତ ଜେନା, ଲମ୍ବୋଦର ପ୍ରଧାନ, ହାଡ଼ିବନ୍ଧୁ ପ୍ରଧାନ, ସନ୍ତୋଷ ସାହୁ, ଡ. ସବିତା ପଟ୍ଟନାୟକ, ଚନ୍ଦ୍ରଶେଖର ସିଂ, ନିରଞ୍ଜନ ଦାସ, ଶୁଭ୍ରଶଶି ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। କିଭଳି ଶାନ୍ତିଶୃଙ୍ଖଳାର ସହ ପରୀକ୍ଷା ସମାପ୍ତ ହେବ ସେ ନେଇ ବୈଠକରେ ଆଲୋଚନା କରାଯାଇଥିଲା। ଏଥିସହିତ କଲେଜରେ ସିସିଟିଭି ଲଗାଯାଇଥିବାବେଳେ ଛାତ୍ରୀଛାତ୍ରମାନଙ୍କୁ ମୋବାଇଲ ସେବା ବନ୍ଦ କରାଯାଇଛି। ସୁପରିଣ୍ଟେଣ୍ଡେଣ୍ଟ ଭାବେ ସିଦ୍ଧାର୍ଥ କୁମାର ପଣ୍ଡା, ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ଭାବେ ନିଯୁକ୍ତି ହୋଇଛନ୍ତି।

## THE ODISHA MINING CORPORATION LIMITED

OMC House, Bhubaneswar-751001, Odisha
CIN : U13100OR1956SGC000313, www.omcltd.in

OMC | ODISHA NEW OPPORTUNITIES

No.47/OMC Date : 29.02.2020

**ADVERTISEMENT FOR ENGAGEMENT OF EXECUTIVE DIRECTOR (BUSINESS EXCELLENCE / TQM) ON FIXED TERM CONTRACT BASIS IN OMC LTD**

The OMC, a Gold category and largest State PSU in Mining Sector in the Country, undertakes exploration, mining and trading of iron, chrome & bauxite ores. The Corporation has achieved an annual turnover of Rs. 4053 Crores in the FY 2018 -19. Inspired by the vision to emerge as the market leader and to play a catalytic role in the growth of industrialization, OMC caters to the requirements of mineral based industries.

The OMC intends to engage one Executive Director (Business Excellence / TQM) on fixed term contract basis to head the Business Excellence /TQM wing of the Corporation for which applications are invited from dynamic & competent professionals for filling up the Post.

| Sl. No. | Name of the Post | No of post | Qualification | Experience & Competency | Maximum Age as on 29.02.2020 | Monthly consolidated remuneration |
|---|---|---|---|---|---|---|
| 1 | Executive Director (Business Excellence / TQM) | 01 | **Essential**<br>• BE / B.Tech (Mechanical / Production / Industrial Engg.) from a recognized University / Institute approved by AICTE.<br>**Desirable**<br>• MBA (Operations) from a reputed B School<br>• Six Sigma Certification Experience of working in a Mining organization<br>• Knowledge of MS Projects and Project management / analytical tools. | (i) 15 years' Post-qualification experience in BE/ TQM strategy or spearheading/ driving QC projects in large organization(s).<br>(ii) Proven experience in BE/ TQM related role at senior/mid-senior Management level in a reputed Company.<br>(iii) Fair exposure in leading/ institutionalizing quality and process reengineering.<br>(iv) Adherence to policy / systems, Facilitation, Change Agent, Trainer, Team Management, Kaizen Concept, Continuous Improvement Program, Motivation, Risk Taking, Innovation.<br>(v) Project Planning and Implementation.<br>(vi) A strong strategic and business mind-set. | • Minimum 40 years<br>• Maximum 55 years | Negotiable |

- The eligible candidates will be short-listed on the basis of relevant work experience.
- The selection will be made on the basis of personal interview of eligible shortlisted candidates.
- The engagement is on full time contract basis.

Interested eligible candidates are requested to download the application format from OMC website : **omcltd.in** and submit the same duly filled in & signed along with self attested copies of Mark sheets, Certificates, Testimonials, Experience Certificate in support of their eligibility by Speed Post / Courier in a cover superscribed **"APPLICATION FOR THE POST OF EXECUTIVE DIRECTOR (BUSINESS EXCELLENCE / TQM)"** so as to reach the General Manager (P&A), The Odisha Mining Corporation Ltd., OMC House, Bhubaneswar- 751001 by **20.03.2020** positively. Applications received after the last date due to delay in postal/courier or any other reason shall not be entertained and will be rejected.

The OMC Management reserves the right to cancel, amend or alter the above advertisement without assigning any reason thereof.

Sd/-
Director (Personnel)

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. ORIORI/2005/14846 Postal Regd. No. BN/42/18-20. Edition Phone (06762) 224254, (06764) 237556 ଢେଙ୍କାନାଳ, ରବିବାର, ମାର୍ଚ୍ଚ ୧/୨୦୨୦, Dhenkanal, Sunday, March 1 / 2020

# ବାଉଁଶକଣରେ ଭୟାବହ ଅଗ୍ନିକାଣ୍ଡ

■ ୧୪ ବଖରା ଛାରଖାର
■ ୫ ପରିବାର ସର୍ବସ୍ୱାନ୍ତ
■ ବର୍ତ୍ତିଲାନି ଝିଅ ବାହାଘର ସାମଗ୍ରୀ

ଭୁବନ, ୨୯।୨(ଡି.ଏନ.ଏ.)

ଢେଙ୍କାନାଳ ଜିଲା ଭୁବନ ବ୍ଲକ ବାଲିବୋ ପଞ୍ଚାୟତର ବାଉଁଶକଣ ଗ୍ରାମ ମାଟିଆ ସାହିରେ ଶୁକ୍ରବାର ବିଳମ୍ବିତ ରାତିରେ ଭୟାବହ ଅଗ୍ନିକାଣ୍ଡ ଘଟିଛି। ଏଥିରେ ୧୪ବଖରା ପୋଡ଼ି ପାଉଁଶ ହୋଇଯାଇଥିବାବେଳେ ୫ପରିବାର ସର୍ବସ୍ୱାନ୍ତ ହୋଇଯାଇଛନ୍ତି। ନିଆଁ କିପରି ଲାଗିଲା ତାହା ଜଣାପଡ଼ିନାହିଁ। ତେବେ କେହି ଜଣେ ଉଦ୍ଦେଶ୍ୟମୂଳକ ଭାବେ ନିଆଁ ଲଗାଇ ଦେଇଥିବା ଗ୍ରାମବାସୀ ସନ୍ଦେହ କରୁଛନ୍ତି।

ସମ୍ପୃକ୍ତ ପରିବାର ଲୋକେ ଖାଇସାରି ଶୋଇଥିବା ବେଳେ ହଠାତ୍ ନିଆଁ ଲାଗି ଯାଇଥିଲା। ସମସ୍ତେ ଜୀବନ ବଞ୍ଚାଇବା ଲାଗି ପ୍ରାଣବିକଳରେ ଘର ଛାଡ଼ି ବାହାରକୁ ପଳାଇ ଆସିଥିଲେ। ମାତ୍ର କେଇ ମିନିଟ ମଧ୍ୟରେ ନିଆଁ ସବୁଆଡ଼େ ବ୍ୟାପି ଯାଇଥିଲା। ଫଳରେ କୌଣସି ସାମଗ୍ରୀ ଉଦ୍ଧାର କରିବା ସମ୍ଭବପର ହୋଇ ନ ଥିଲା। ପରିବାର ଲୋକେ ଚାହୁଁ ଚାହୁଁ ସବୁକିଛି କ୍ଷଣିକ ମଧ୍ୟରେ ନିଆଁର ଆଁ ଭିତରକୁ ଚାଲିଯାଇଥିଲା। ଏଥିରେ ଧନୁ ପଧାନଙ୍କ ୩ବଖରା, ମଦନ ପଧାନଙ୍କ ୨ବଖରା, କାର୍ତ୍ତିକ ପଧାନଙ୍କ ୩ବଖରା, ନାରାୟଣ ପଧାନଙ୍କ ୨ବଖରା, ଶରତ ପଧାନଙ୍କ ୨ବଖରା, ବିଶ୍ୱନାଥ ପଧାନଙ୍କ ୨ବଖରା ସମ୍ପୂର୍ଣ୍ଣ ଜଳିଯାଇଛି। ଟିଭି, ଫ୍ରିଜ୍, ଆସବାବପତ୍ର, ଖାଦ୍ୟଶସ୍ୟ ନଷ୍ଟ ହୋଇଯାଇଛି। ପିନ୍ଧିବା ଲୁଗା ଛଡ଼ା ସବୁକିଛି ହରାଇଛନ୍ତି ଅଗ୍ନିବିପନ୍ନ। ଏହି ଅଗ୍ନିକାଣ୍ଡ ବିଶ୍ୱନାଥଙ୍କ ପରିବାର ମୁଣ୍ଡରେ ଚଡ଼କ ପକାଇଛି। କାରଣ ଝିଅ ଭାରତୀଙ୍କ ବିବାହ ପାଇଁ ମାନସିକସ୍ତରରେ ପ୍ରସ୍ତୁତ ହେଉଥିଲେ ବିଶ୍ୱନାଥ। ଏହାକୁ ମାତ୍ର ୧୦ଦିନ ବାକି ଥିବାବେଳେ ପାଉଁଶ ହୋଇଯାଇଛି ସୁନାଗହଣା ସମେତ ସମସ୍ତ ମୂଲ୍ୟବାନ ସାମଗ୍ରୀ, ଯାହା ପରିବାର ପାଇଁ ଆଣିଦେଇଛି ଦାରୁଣ ଦୁଃଖ। ସୂଚନା ପାଇ ଭୁବନ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ଫଳରେ ଏକ ବଡ଼ ଧରଣର ଦୁର୍ଘଟଣାକୁ ଟାଳି ଦିଆଯାଇପାରିଛି, ନଚେତ୍ ନିଆଁ ଅନ୍ୟ ଆଡ଼େ ବ୍ୟାପିବା ଆଶଙ୍କା ରହିଥିଲା।

ଶନିବାର ତହସିଲଦାର ଶକ୍ତିକାନ୍ତ ରାୟ କ୍ଷୟକ୍ଷତି ଆକଳନ କରିଛନ୍ତି। ବିଡିଓ ଆଶୀର୍ବାଦ ପରିଡ଼ା, ବ୍ଲକ ଅଧ୍ୟକ୍ଷ ଧର୍ମାନନ୍ଦ ବରାଳ, ସରପଞ୍ଚ ସନ୍ତୋଷ କୁମାର ଖୁଣ୍ଟିଆ ପହଞ୍ଚି ଅଗ୍ନିବିପନ୍ନ ପରିବାରକୁ ସମବେଦନା ଜଣାଇବା ସହ କ୍ଷତିଗ୍ରସ୍ତଙ୍କୁ ଶୁଖିଲା ଖାଦ୍ୟ ଯୋଗାଇ ଦେଇଛନ୍ତି। ସେହିପରି ତହସିଲ ପ୍ରଶାସନ ପକ୍ଷରୁ ପଲିଥିନ ପ୍ରଦାନ କରାଯାଇଛି। କ୍ଷତିଗ୍ରସ୍ତଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଏବଂ ବିଜୁପକ୍କାଘର ଯୋଜନାରେ ସାମିଲ କରାଯିବ ବୋଲି ପ୍ରଶାସନ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଛି।



ପ୍ରଶାସନିକ ଅଧିକାରୀମାନେ ଘଟଣାସ୍ଥଳରେ ତଦନ୍ତ କରୁଛନ୍ତି।

## ନିଆଁ ଜାଳିଦେଲା ବିଶ୍ୱନାଥଙ୍କ ଖୁସି

ଫେବୃୟାରୀ ୨୨ରେ ସରିଥିଲା ଝିଅ ଭାରତୀଙ୍କ ନିର୍ବନ୍ଧ। ମାର୍ଚ୍ଚ ୧୧ରେ ହୋଇଥାନ୍ତା ବାହାଘର। ଏହାକୁ ନେଇ ଦିନ ମଜୁରିଆ ବିଶ୍ୱନାଥଙ୍କ ଘରେ ସୃଷ୍ଟି ହୋଇଥିଲା ଖୁସିର ମାହୋଲ। ହେଲେ ସେସବୁ ନିମିଷକ ମଧ୍ୟରେ ହୋଇଯାଇଛି ଧୂଳିସାତ୍। ଦିନରାତି କଷ୍ଟ କରି ସଞ୍ଚିଥିବା ଟଙ୍କାରେ ସୁନାଗହଣା, କଂସାବାସନ, ଆସବାବପତ୍ର ସମେତ ଅନ୍ୟାନ୍ୟ ମୂଲ୍ୟବାନ ସାମଗ୍ରୀ କିଣି ଘରେ ରଖିଥିଲେ । ସେସବୁ ନିଆଁରେ ଜଳିପୋଡ଼ି ନଷ୍ଟ ହୋଇଯାଇଛି। ଝିଅ ବାହାଘରକୁ ମଝିରେ ମାତ୍ର ୧୦ଦିନ ଥିବାବେଳେ ଏବେ ବିଶ୍ୱନାଥ ମୁଣ୍ଡରେ ହାତ ଦେଇ ବସିଛନ୍ତି। ଶନିବାର ପାଉଁଶ ତଳୁ ଲୁହ ଛଳଛଳ ଆଖିରେ ଭାରତୀ ଏବଂ ପରିବାର ଲୋକେ ଦରପୋଡ଼ା ସାମଗ୍ରୀ ସାଉଁଟୁଥିଲେ। ଏହି ଦୃଶ୍ୟ ସାଧାରଣ ଲୋକଙ୍କ ଆଖିରେ ଆଣିଦେଇଥିଲା ଲୁହ। ଏ ନେଇ ବିଶ୍ୱନାଥ କୁହନ୍ତି, ଝିଅ ଭାରତୀଙ୍କ ବିବାହ ପାଲଲହଡ଼ାରେ ସ୍ଥିର ହୋଇଛି। ୨୨ରେ ନିର୍ବନ୍ଧ ସରିଥିଲା। ଆସନ୍ତା ୧୧ ତାରିଖରେ ବାହାଘର ପାଇଁ ତାରିଖ ଧାର୍ଯ୍ୟ କରାଯାଇଛି। ଅଭାବୀ ଜୀବନ ଭିତରେ ପିମ୍ପୁଡ଼ି ଭଳି ସଞ୍ଚିଥିବା ଟଙ୍କାରେ ସବୁକିଛି କିଣାକିଣି ସରିଥିଲା। ଏଥିଲାଗି ଅନେକ ସ୍ଥାନରୁ ଧାରକରଜ ମଧ୍ୟ କରିଛନ୍ତି। ଏହି ବାହାଘରକୁ ନେଇ ସମସ୍ତେ ଖୁସି ଥିବାବେଳେ କିଛିକ୍ଷଣ ମଧ୍ୟରେ ସବୁକିଛି ଆଖି ଆଗରେ ଜଳିପୋଡ଼ି ଛାରଖାର ହୋଇଗଲା। ଏବେ ବାହାଘର କେମିତି ହେବ, ଏତେ ଟଙ୍କା କେମିତି ଯୋଗାଡ଼ ହେବ ସେହି ଚିନ୍ତା ବିଶ୍ୱନାଥଙ୍କୁ ଘାରିଛି। ଜୀବନରେ ଏହାଠାରୁ ବଡ଼ ଦୁଃଖ ଆଉ କିଛି ନାହିଁ ବୋଲି ସେ ଲୁହ ଛଳଛଳ ଆଖିରେ କହିଛନ୍ତି।

## ସଂକ୍ଷେପରେ

### ଯୋରନ୍ଦା ବିକାଶ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର

ଢେଙ୍କାନାଳ ଅଫିସ, ୨୯।୨:

ବିଶ୍ୱପ୍ରସିଦ୍ଧ ମହିମା ଧର୍ମର ପ୍ରମୁଖ ପୀଠ ଭାବେ ଖ୍ୟାତି ଅର୍ଜନ କରିଛି ଯୋରନ୍ଦା। ହେଲେ ଦୀର୍ଘ ବର୍ଷ ପରେ ବି ଏହାର ଆଖିଦୃଶିଆ ବିକାଶ ହୋଇପାରିନାହିଁ, ଯାହାକୁ ନେଇ ଶ୍ରଦ୍ଧାଳୁଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ମହିମା ଧର୍ମପୀଠ ପ୍ରତି ଏପରି ଅବହେଳାକୁ ନେଇ କ୍ଷୋଭବ୍ୟକ୍ତ କରିଛି ଢେଙ୍କାନାଳ ସଚେତନ ନାଗରିକ ଫୋରମ୍। ଏ ନେଇ ଶନିବାର ଜିଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଧର୍ମ ଏବଂ ଦର୍ଶନ ପାଇଁ ବିଶ୍ୱରେ ସ୍ୱତନ୍ତ୍ର ସ୍ଥାନ ହାସଲ କରିଛି ଯୋରନ୍ଦା। ସନ୍ଥକବି ଭୀମ ଭୋଇଙ୍କ ରଚିତ କାବ୍ୟକବିତାରେ ଏହି ଜାଗା ବିଷୟରେ ଉଲ୍ଲେଖ ରହିଛି। ପ୍ରସିଦ୍ଧ ମାଘମେଳା ଉପଲକ୍ଷେ ଏଠାକୁ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହେଉଛି। ହେଲେ ପୀଠରେ ଯାତ୍ରୀ ନିବାସ, ମହିମା ପୁଷ୍ପ ଉଦ୍ୟାନ, ମହିମା ଗବେଷଣାଗାର, ଆଲୋକୀକରଣ, ରାସ୍ତା ଭଳି ମୌଳିକ ସୁବିଧା ଲାଗି ଅନୁଦାନ ମିଳୁନାହିଁ। ନିକଟରେ ରାଜ୍ୟର ୨୩ ଧର୍ମସ୍ଥଳୀର ଭିତ୍ତିଭୂମି ବିକାଶ ଲାଗି ମୁଖ୍ୟମନ୍ତ୍ରୀ ଅନୁଦାନ ପ୍ରଦାନ କରିଛନ୍ତି। କପିଳାସ ଶୈବପୀଠର ଉନ୍ନତୀକରଣ ଲାଗି ୧ କୋଟି ଟଙ୍କା ମିଳିଛି। ଏହାକୁ ଫୋରମ୍ ପକ୍ଷରୁ ସ୍ୱାଗତ କରାଯାଇଛି। ଏଥିରେ ଯୋରନ୍ଦାକୁ ସାମିଲ କରାଗଲେ ଜିଲା ପର୍ଯ୍ୟଟନରେ ବିକାଶ ହୋଇପାରିବ ବୋଲି ଫୋରମ ପକ୍ଷରୁ ନିବେଦନ କରାଯାଇଛି। ଦାବିପତ୍ର ପ୍ରଦାନ ବେଳେ ଫୋରମ୍ ସଭାପତି ପ୍ରଦ୍ୟୁମ୍ନ ରଥ, ଭରତ କୁମାର ଦାସ, ପଙ୍କଜ କୁମାର ନାୟକ, ପ୍ରଭାତୀ ମହାପାତ୍ର, ସାଜିଦା ପରମିନ୍, ରୁଦ୍ର ପ୍ରସାଦ ଶରଣ, ରୁଦ୍ରମାଧବ ମହାପାତ୍ର, ସରୋଜ ଶତପଥୀ, ଚକ୍ରଧର ତରାଇ ପ୍ରମୁଖ ଉପସ୍ଥିତ ଥିଲେ।

# ପଥର ଖାଦାନରେ ଚଢ଼ାଉ

ଢେଙ୍କାନାଳ ଅଫିସ, ୨୯।୨

ଢେଙ୍କାନାଳ ଜିଲା ଗଁଦିଆ ତହସିଲ ଅଧୀନ ଛୋଟତେନ୍ତୁଳି ଗ୍ରାମରେ ଥିବା ବେଆଇନ ପଥର ଖାଦାନ ଉପରେ ଶନିବାର ଅପରାହ୍ନରେ ପ୍ରଶାସନ ପକ୍ଷରୁ ଚଢ଼ାଉ କରାଯାଇଛି। ଘଟଣାସ୍ଥଳରୁ ଗୋଟିଏ ପଥର ବୋଝେଇ ଟ୍ରକ୍ ସହ ୩ ପଥର କଟା ମେଶିନ ଜବତ କରାଯାଇଛି। ଉପଜିଲାପାଳ ସାଫଲ୍ୟ ମଣ୍ଡିତ ପ୍ରଧାନଙ୍କ ନେତୃତ୍ୱରେ ଓଡାପଡା ତହସିଲଦାର ବାଣୀ ନିବେଦିତା ସ୍ୱାଇଁ, ଗଁଦିଆ ତହସିଲଦାର ସୁଶାନ୍ତ ମିଶ୍ର, ୭ଜଣ ଆର୍‌ଆଇ ପୋଲିସ ସହାୟତାରେ ଏହି ଚଢ଼ାଉ କରାଯାଇଥିଲା। ଚଢ଼ାଉ ସମୟରେ ପଥର କାଟୁଥିବା ଲୋକମାନେ ଫେରାର ହୋଇଯାଇଛନ୍ତି।



ଜବତ ହୋଇଥିବା ଟ୍ରକ୍ ଏବଂ କଟର ମେଶିନ।

# ବିଜୁ ଜୟନ୍ତୀ ପାଇଁ ପ୍ରସ୍ତୁତି

ଢେଙ୍କାନାଳ ଅଫିସ, ୨୯।୨

ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଉତ୍ସବ ଉପଲକ୍ଷେ ଢେଙ୍କାନାଳ ଜିଲା ବିଜେଡି ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଦଳୀୟ କାର୍ଯ୍ୟାଳୟରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଜିଲା ବିଜେଡି ସଭାପତି ତଥା ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ଯୋଗଦେଇ କାର୍ଯ୍ୟକ୍ରମରେ ବହୁସଂଖ୍ୟାରେ ଯୋଗଦେବାକୁ ଉପସ୍ଥିତ କର୍ମୀଙ୍କୁ ପରାମର୍ଶ ଦେଇଥିଲେ। ବିଧାୟକ ସୁଧୀର କୁମାର ସାମଲ, ବିଧାୟିକା ସୀମାରାଣୀ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଉପଲକ୍ଷେ ଦଳ ପକ୍ଷରୁ ଜିଲାର ସମସ୍ତ ନିର୍ବାଚନମଣ୍ଡଳୀରେ ଜୀବନବିନ୍ଦୁ ରକ୍ତଦାନ ଶିବିର ସହିତ ମହିଳା ସମାବେଶ କରାଯିବ ବୋଲି ନିଷ୍ପତ୍ତି ହୋଇଛି। ବୈଠକରେ ଜିଲା ବିଜୁ କୃଷକ ସଭାପତି ନରୋତ୍ତମ ସାହୁ, ଜିଲା ଯୁବ ବିଜେଡି ସଭାପତି ଧର୍ମାନନ୍ଦ ପରିଡ଼ା, ଛାତ୍ର ବିଜେଡି ସଭାପତି ସୁରଜ ମହାପାତ୍ର, ମହିଳା ସଭାନେତ୍ରୀ ସାଇଶ୍ରୀ ପଟ୍ଟନାୟକ, ନିରାକାର ରାଉତ, ସଞ୍ଜୟ ମଲ୍ଲିକ, ସୋନୁରାମ ସିଂଙ୍କ ସମେତ ବହୁ କର୍ମୀ ଉପସ୍ଥିତ ଥିଲେ।

# 'ପାଠପଢ଼ା, ଦକ୍ଷତା ବଢ଼ାଅ'



ଉଦ୍‌ଯାପନୀ ଦିବସରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମ।

ଢେଙ୍କାନାଳ ଅଫିସ, ୨୯।୨

ଢେଙ୍କାନାଳ ସିନର୍ଜି ଇଞ୍ଜିନିୟରିଂ କଲେଜର ବାର୍ଷିକ ସାଂସ୍କୃତିକ ଉତ୍ସବ ସିନଫେଷ୍ଟ-୨୦୨୦ ଶନିବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ କଲେଜ ଚେୟାରମ୍ୟାନ ବିନୋଦ ଦାଶ ଯୋଗଦେଇ କହିଲେ, ବୈଷୟିକ ଯୁଗରେ ଶିକ୍ଷାନୁଷ୍ଠାନରେ ନିଯୁକ୍ତିର ଯଥେଷ୍ଟ ସୁଯୋଗ ରହିଛି । ପାଠପଢ଼ା ସହିତ ଦକ୍ଷତା ବଢ଼ାଇଲେ ଏହି ସୁଯୋଗ ହାସଲ କରିହେବ। ଜୀବନରେ ସଫଳତା ପାଇବା ପାଇଁ ଉତ୍ତମ ସମ୍ପର୍କ ଗଢ଼ିବା ସହିତ ଧୈର୍ଯ୍ୟ ଓ ନିଷ୍ଠାର ଆବଶ୍ୟକତା ରହିଥିବା ସେ ନିଜ ଅଭିଭାଷଣରେ କହିଥିଲେ।

କଲେଜ ଅଧ୍ୟକ୍ଷା ଇତିଶ୍ରୀ ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ସମ୍ମାନିତ ଅତିଥି ଭାବେ ସିନର୍ଜି ସ୍କୁଲ ଅଫ୍ ଇଞ୍ଜିନିୟରିଂର ଅଧ୍ୟକ୍ଷ ସରୋଜ ନାୟକ, ଇଂଲିଶ ବିଭାଗ ପ୍ରାଧ୍ୟାପକ ପ୍ରଫୁଲ୍ଲ ମିଶ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।




ଚେୟାରମ୍ୟାନ ବିନୋଦ ଦାଶ ଜଣେ କୃତୀ ଛାତ୍ରୀଙ୍କୁ ପୁରସ୍କୃତ କରୁଛନ୍ତି।

# ମହିଳାଙ୍କୁ ବଳାତ୍କାର ଅଭିଯୋଗ

ଅନୁଗୋଳ ଅଫିସ୍, ୨୯।୨

ଅନୁଗୋଳ ସହରରେ ଜଣେ ୪୫ ବର୍ଷୀୟା ମହିଳାଙ୍କୁ ବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଛି। ଏ ନେଇ ଥାନାରେ ଲିଖିତ ଅଭିଯୋଗ ହୋଇଛି। ଅଭିଯୋଗରେ ଦର୍ଶାଯାଇଛି, ସହରର ଜଣେ ଅବସରପ୍ରାପ୍ତ ସରକାରୀ କର୍ମଚାରୀଙ୍କ ଘରେ ମହିଳା ଜଣକ ବର୍ଷେ ହେବ କାମ କରୁଥିଲେ। ତାଙ୍କୁ ମାଲିକ ଟଙ୍କା ଦେଉ ନ ଥିଲେ। ବିବାହ ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ ରଖିଆସୁଥିଲେ। ନିର୍ଯାତନା ବଢ଼ିବାରୁ ପୀଡ଼ିତା ଥାନାର ଦ୍ୱାରସ୍ଥ ହୋଇଛନ୍ତି। ଘଟଣାର ତଦନ୍ତ ଚାଲିଥିବା ପୋଲିସ କହିଛି।

# ବାଇକ୍ ଦୁର୍ଘଟଣାରେ ଜଣେ ମୃତ

ବନ୍ତଲା,୨୯।୨(ଡି.ଏନ.ଏ.)

ଅନୁଗୋଳ ଜିଲା ବନ୍ତଲା ଥାନା ଧୋକୁଟା ଜାଉଁଳି ନାଳ ପୋଲ ନିକଟରେ ଶନିବାର ଏକ ବାଇକ ନଂ.(ଓଡ଼ି ୦୨-୧୮୨୧) ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ବାଇକ୍ ଚାଳକଙ୍କ ମୃତ୍ୟୁ ଘଟିଛି। ତାଙ୍କ ପରିଚୟ ଜଣାପଡ଼ିନାହିଁ। ବାଇକ୍‌ଟି ବନ୍ତଲା ଅଞ୍ଚଳରୁ ବଡ଼କେରା ଅଭିମୁଖେ ଯାଉଥିବାବେଳେ ଦୁର୍ଘଟଣା ଘଟିଥିଲା। ଖବରପାଇ ପୋଲିସ ପହଞ୍ଚି ମୃତଦେହ ଜବତ କରି ତଦନ୍ତ ଚଳାଇଛି।

# ଅଭିଯୁକ୍ତ ସ୍ୱାମୀ ଗିରଫ

ଅନୁଗୋଳ ଅଫିସ୍, ୨୯।୨

ଅନୁଗୋଳ ସହର ଉପକଣ୍ଠ ଛେଳିଆପଡ଼ାର ଜଣେ ମହିଳା ତାଙ୍କ ସ୍ୱାମୀଙ୍କ ବିରୋଧରେ ନିର୍ଯାତନା ଅଭିଯୋଗ ଆଣିଛନ୍ତି। ଅଭିଯୁକ୍ତ ସ୍ୱାମୀ ବୁବୁ ଭଞ୍ଜଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ବୁବୁ ୭ମାସ ତଳେ ଛେଳିଆପଡ଼ାରେ ବିବାହ କରିଥିଲେ। ବିବାହର ପରେ ସେ ସ୍ତ୍ରୀଙ୍କୁ ମାଡ଼ପିଟ କରିବା ସହ ମାନସିକ ନିର୍ଯାତନା ଦେଉଥିବା ଏତଲାରେ ଦର୍ଶାଯାଇଛି।







# ପୂରିଲା କଷ୍ଟ, ଆଜିଠୁ ଯାଞ୍ଚ କଡ଼ାକଡ଼ି

■ ସରିଲା ଗାଡ଼ି କାଗଜପତ୍ର ସମୟ ଅବଧି
■ ଯାତ୍ରୀଙ୍କୁ ସଚେତନ କଲେ ଜିଲାପାଳ
■ ଗୋଲାପ ଦେଇ ନିୟମ ମାନିବାକୁ ନିବେଦନ

ଢେଙ୍କାନାଳ ଅଫିସ, ୨୯।୨

ପୂରିଲା କଷ୍ଟ। ଆଉ ତ୍ରାହି ନାହିଁ। ଏଣିକି କଡ଼ାକଡ଼ି ହେବ ଟ୍ରାଫିକ୍ ରୁଲ୍। ନିୟମ ଭାଙ୍ଗିଲେ ଗାଡ଼ି ଚାଳକଙ୍କଠାରୁ କଟାଯିବ ମୋଟା ଅଙ୍କର ଚାଲାଣ। ଏହାକୁ ନେଇ ଯାତ୍ରୀଙ୍କ ମଧ୍ୟରେ ଛନକା ପଶିଛି। ଅନ୍ୟପଟେ ସଂଶୋଧିତ ମୋଟରଯାନ ଆଇନକୁ ଠିକ୍ ଭାବେ କାର୍ଯ୍ୟକାରୀ କରିବା ଚ୍ୟାଲେଞ୍ଜ ପାଲଟିଥିବାବେଳେ ଢେଙ୍କାନାଳ ଜିଲା ପ୍ରଶାସନ ପକ୍ଷରୁ ଯାତ୍ରୀ ଏବଂ ପଥଚାରୀଙ୍କୁ ଗୋଲାପ ଦେଇ ସଚେତନ କରାଯାଇଛି।

ମାର୍ଚ୍ଚ ୧ (ରବିବାର)ଠାରୁ କଡ଼ାକଡ଼ି ଭାବେ ପାଳନ କରାଯିବ ନୂଆ ମୋଟରଯାନ ଆଇନ। ଏଥିପୂର୍ବରୁ ଗାଡ଼ି ଚାଳକଙ୍କୁ ଆବଶ୍ୟକ କାଗଜପତ୍ର ପ୍ରସ୍ତୁତ କରିବାକୁ ୨ପର୍ଯ୍ୟାୟରେ ୬ମାସ ସମୟ ଦିଆଯାଇଥିଲା। ଫେବୃୟାରୀ ୨୯ରେ ଏହି ଅବଧି ଶେଷ ହୋଇଛି। ଏଣିକି ନିୟମ ଭାଙ୍ଗିଲେ ଗାଡ଼ିଚାଳକଙ୍କୁ ଆଉ ନିସ୍ତାର ମିଳିବ ନାହିଁ ବୋଲି ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା କହିସାରିଛନ୍ତି। ଫଳରେ ନିୟମ ଉଲ୍ଲଂଘନକାରୀଙ୍କ ପାଇଁ ଅର୍ଥଦଣ୍ଡ ଏବେ ଏକମାତ୍ର ବିକଳ୍ପ ହୋଇଯାଇଛି। ତେବେ କଷ୍ଟ ସମୟ ପୂରିବା ଆଗରୁ ଶନିବାର ପୂର୍ବାହ୍ନ ୧୦ଟାରେ ଢେଙ୍କାନାଳ ବସ୍‌ଷ୍ଟାଣ୍ଡ ଟ୍ରାଫିକ୍ ଛକରେ ଜିଲାପାଳ ଭୂମେଶ ଚନ୍ଦ୍ର ବେହେରା ବାଇକ୍ ଆରୋହୀ, ଅଟୋରିକ୍ସା ଚାଳକ, ଯାତ୍ରୀଙ୍କୁ ଗୋଲାପ ଦେଇ ନିୟମ ପାଳନ କରିବାକୁ ସଚେତନ କରାଇଛନ୍ତି। ଏଥିସହ ଟ୍ରାଫିକ୍ ନିୟମ ଜାଣିବା ସହ ଯାଞ୍ଚ ବେଳେ ପୋଲିସ ଏବଂ ପ୍ରଶାସନକୁ ସହଯୋଗ କରିବାକୁ ନିବେଦନ କରିଛନ୍ତି। ଏହି ଅବସରରେ ଜିଲାପାଳ ଛାତ୍ରୀଛାତ୍ରଙ୍କୁ ଟ୍ରାଫିକ୍ ନିୟମ ସମ୍ପର୍କରେ ବୁଝାଇଥିଲେ। ଏହି ସଚେତନତା କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ଭବେଶ କୁମାର ନାୟକ, ଉପଜିଲାପାଳ ସାଫଲ୍ୟ ମଣ୍ଡିତ ପ୍ରଧାନ, ଟାଉନ ଥାନାଧିକାରୀ ଜ୍ଞାନରଞ୍ଜନ ସାମଲ ପ୍ରମୁଖ ଉପସ୍ଥିତ ରହି ସହରବାସୀଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିଥିଲେ। ଟ୍ରାଫିକ ଏଏସ୍‌ଆଇ ବିଚିତ୍ରାନନ୍ଦ କର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ଏ ସମ୍ପର୍କରେ ଜିଲାପାଳ କୁହନ୍ତି, ମାର୍ଚ୍ଚ ୧ରୁ ମୋଟରଯାନ ସଂଶୋଧିତ ଆଇନ କଡ଼ାକଡ଼ି ଭାବେ ପାଳନ କରାଯିବ। ଆଇନର ଖିଲାପ କଲେ ଜରିମାନା ଆଦାୟ କରାଯିବ । ସେଥି ପାଇଁ ଦିନକ ପୂର୍ବରୁ ଲୋକଙ୍କୁ ସଚେତନ କରାଯାଇଛି। ସମସ୍ତେ ଟ୍ରାଫିକ ନିୟମ ସମ୍ପର୍କରେ ଅବଗତ ହେବା ଜରୁରୀ ବୋଲି ଜିଲାପାଳ କହିଛନ୍ତି।



ଜିଲାପାଳ ଜଣେ ଛାତ୍ରୀଙ୍କୁ ଗୋଲାପ ଦେଇ ଟ୍ରାଫିକ ନିୟମ ସମ୍ପର୍କରେ ସଚେତନ କରୁଛନ୍ତି।

Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ